# The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 1232 CUTTACK, MONDAY, MARCH 23, 2026/CHAITRA 2, 1948**


## କନ୍ଧମାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

### ଅଧିସୂଚନା

ସଂଖ୍ୟା ୫୭୧/ଭୂ–ଅର୍ଜନ                    ତା ୩୧–୦୧–୨୦୨୬ ରିଖ

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ NABARD Assistance-xxv ଅଧୀନରେ କନ୍ଧମାଳ ଜିଲ୍ଲାର ବାଣିଗୋଛା-ମାଧପୁର-ଖଜୁରିପଡା-ଫୁଲବାଣୀ-ସାରଙ୍ଗଡ ରାସ୍ତାରେ 150/480 କିଲୋମିଟରରେ ଗଡିଆପଡା ନାଳ ଉପରେ H.L. ବ୍ରିଜ ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା- ଗଡିଆପଡା, ତହସିଲ- ଖଜୁରୀପଡା ଠାରେ ନିମ୍ନ ତଫସିଲ ମତେ ପ୍ରାୟ ଏକର୧.୩୮୧ ଭୂମି ଅଧିଗ୍ରହଣ/ ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଛତା ଆଇନ, ୨୦୧୩ (RFCTLAR&R Act-2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଛତା ଅଧିକାର ଆଇନ, ୨୦୧୩ ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ (ଷାଠିଏ) ଦିନ ମଧ୍ୟରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଛତା ଅଧିକାର ଆଇନ, ୨୦୧୩ (RFCTLAR&R Act-2013) ର ଧାରା ୧୫ର ବ୍ୟବସ୍ଥା ଅନୁଯାୟୀ ଜିଲ୍ଲାପାଳ କନ୍ଧମାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- NABARD Assistance-xxv ଅଧୀନରେ କନ୍ଧମାଳ ଜିଲ୍ଲାର ବାଣିଗୋଛା-ମାଧପୁର-ଖଜୁରିପଡା-ଫୁଲବାଣୀ-ସାରଙ୍ଗଡ ରାସ୍ତାରେ 150/480 କିଲୋମିଟରରେ ଗଡିଆପଡା ନାଳ ଉପରେ H.L. ବ୍ରିଜ ନିର୍ମାଣ ନିମନ୍ତେ ।

୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ନିର୍ବାହୀ ଯନ୍ତ୍ରୀ ( ରାସ୍ତା ଓ କୋଠବାଡି) ବିଭାଗ, ଫୁଲବାଣୀ, କନ୍ଧମାଳ ।

୩- କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ଏହି ପ୍ରକଳ୍ପ ପାଇଁ କେହି ବିସ୍ଥାପିତ ହେଉନାହାନ୍ତି

**୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ-** ଓଡିଶା ସରକାରଙ୍କ ରାଜସ୍ୱ ଓ ପରିଚାଳନା ବିଭାଗ ଘୋଷଣାନାମା ସଂଖ୍ୟା- ୨୮୫୨୫ ତା. ୦୮.୦୮.୨୦୨୩ ରିଖ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି ।

**୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତି ପ୍ରଶାସକଙ୍କ ବିବରଣୀ-** ଏହି ପ୍ରକଳ୍ପ ପାଇଁ କେହି ବିସ୍ଥାପିତ ହେଉନଥିବାରୁ ଏହାର ଆବଶ୍ୟକତା ନହିଁ ।

**୬- ଜମିର ବିବରଣୀ-**

| କ୍ରମାଙ୍କ ନଂ | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍ ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରାୟତର ନାମ |
|---|---|---|---|---|---|---|---|---|
| ୧ | ଖଜୁରୀପଡା | ଗଡିଆପଡା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ ଅଟେ | | | ଏକର ୧.୩୮୧ | ଏଥି ସହିତ ସଂଲଗ୍ନ ଅଟେ |
| | | | | | | ମୋଟ | ୧.୩୮୧ | |

ଭୂମି ଅନୁସୂଚିର ନକଲ ଏଥିସହିତ ସଂଲଗ୍ନ କରାଯାଇଛି ।

ଉକ୍ତ ଜମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଫୁଲବାଣୀ, କନ୍ଧମାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି କନ୍ଧମାଳ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

# ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ

ମୌଜା- ଗଡିଆପଡା ଥାନା- ଖଜୁରୀପଡା

| କ୍ର.ମି.ନଂ | ଖାତା ନଂ | ସ୍ୱତ୍ୱ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା ଏକର | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା ଏକର | ଅଭିଲିଖିତ ରାୟତଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|---|---|
| ୧. | ୧୨ | ରୟତି | ୨୬୮ | ଘରବାରି | ୦.୧୩୧୦ | ୦.୦୧୨୫ | ଜୟ ଗଣ୍ଡା, ପି-ବୀର, ଗଣ୍ଡା ଜା-ପାଣ, ବା-ନିଜଗାଁ | |
| | | | ୨୬୯ | ଘରବାରି | ୦.୦୭୯୦ | ୦.୦୦୨୫ | | |
| ୨. | ୧୫ | ରୟତି | ୧୮୮ | ପଦର | ୦.୨୩୦୦ | ୦.୨୨୨୫ | ଭଗବତୀ ଦେହୁରି, ସ୍ୱା- ଗୁପ୍ତେଶ୍ୱର ଦେହୁରି , ବିନାୟକ ଦେହୁରି, ଦିଲୀପ କୁମାର ଦେହୁରି, ରୁନୁ ଦେହୁରି, ପି- ଗୁପ୍ତେଶ୍ୱର ଦେହୁରି, ଭୁଲଶ୍ୱର ଦେହୁରି, ଦେବେଶ୍ୱର ଦେହୁରି, ପି- ଇଶ୍ୱର ଦେହୁରି, ଜା-କନ୍ଧ, ବା- ନିଜଗାଁ | |
| | | | ୧୮୯ | ବିଲ ଅନଜଳସେଚିତ ଦୁଇ | ୦.୧୭୩୦ | ୦.୧୭୩୦ | | |
| | | | ୨୬୪ | ଘରବାରି | ୦.୧୪୮୦ | ୦.୦୯୭୫ | | |
| | | | ୨୬୬ | ଘରବାରି | ୦.୨୭୯୦ | ୦.୦୯୫୦ | | |
| ୩. | ୧୭ | ରୟତି | ୧୯୧ | ବିଲ ଅନଜଳସେଚିତ ଦୁଇ | ୦.୧୩୬୦ | ୦.୧୧୭୫ | ଗୌତମ ଜାନି, ନରୋତ୍ତମ ଜାନି, ପି- ବଂସିଧାର ଜାନି, ଜା- କନ୍ଧ, ବା-ନିଜଗାଁ | |
| | | | ୧୯୩ | ବିଲ ଅନଜଳସେଚିତ ଦୁଇ | ୦.୧୭୩୦ | ୦.୦୮୭୫ | | |
| | | | ୧୯୪ | ବିଲ ଅନଜଳସେଚିତ ଦୁଇ | ୦.୩୨୯୦ | ୦.୦୭୫୦ | | |
| ୪. | ୧୮ | ରୟତି | ୨୬୫ | ଘରବାରି | ୦.୦୪୯୦ | ୦.୦୪୯୦ | ଗୌତମ ଦେହୁରି, ନରୋତ୍ତମ ଦେହୁରି, ପି-ଉଦୟନାଥ ଦେହୁରି ଜା-କନ୍ଧ ବା-ନିଜଗାଁ | |

| | | | | | | | | |
|---|---|---|---|---|---|---|---|---|
| ୫. | ୨୦ | ରୟତି | ୨୬୭ | ଘରବାରି | ୦.୧୨୮୦ | ୦.୦୩୨୫ | ଯଶୋଦା ଗଣ୍ଡା, ସ୍ୱା-ଖଗେଶ୍ୱର ଗଣ୍ଡା, ନିରାକାର ଗଣ୍ଡା, ପି-ଖଗେଶ୍ୱର ଗଣ୍ଡା, ଜା-ପାନ, ବା-ନିଜଗାଁ | |
| ୬. | ୨୩ | ରୟତି | ୧୯୬ | ବିଲ ଅନଜଳସେଚିତ ଦୁଇ | ୦.୧୦୯୦ | ୦.୦୫୫୦ | ପରେଶ୍ୱର ଜାନି, ପି-ଚିନ୍ତାମଣି ଜାନି, ଜା-କନ୍ଧ, ବା-ନିଜଗାଁ | |
| ୭. | ୨୭ | ରୟତି | ୧୯୨ | ବିଲ ଅନଜଳସେଚିତ ଦୁଇ | ୦.୦୮୬୦ | ୦.୦୫୦୦ | ଅଶୋକ କୁମାର ଜାନି, ବିପ୍ର ଜାନି, ପି-ଭାରତିଶ୍ୱର, ଜା-କନ୍ଧ, ବା-ନିଜଗାଁ | |
| ୮. | ୩ | ରୟତି | ୨୨୭ | ବିଲ ଅନଜଳସେଚିତ ଦୁଇ | ୦.୦୭୪୦ | ୦.୦୬୭୫ | ଅଲେଖ ଦେହୁରି, ପି-ଆଗସ୍ତି ଦେହୁରି, ଜା-କନ୍ଧ, ବା-ନିଜଗାଁ | |
| ୯. | ୩୧ | ରୟତି | ୩୩୨ | ପଦର | ୦.୨୫୫୦ | ୦.୦୪୦୦ | ଭାସ୍କର ଗଣ୍ଡା, ପି-ଗଙ୍ଗାଧର ଗଣ୍ଡା, ଜା-ପାନ, ବା-ନିଜଗାଁ | |
| ୧୦. | ୩୮ | ରୟତି | ୧୯୭ | ବିଲ ଅନଜଳସେଚିତ ଦୁଇ | ୦.୦୭୪୦ | ୦.୦୩୨୫ | ସମେଶ୍ୱର ଜାନି, ପି-ଚିନ୍ତାମଣି ଜାନି, ଜା-କନ୍ଧ, ବା-ନିଜଗାଁ | |
| ୧୧. | ୪୦ | ରୟତି | ୧୯୦ | ବିଲ ଅନଜଳସେଚିତ ଦୁଇ | ୦.୦୬୪୦ | ୦.୦୫୦୦ | ସୁନାଶିର ଜାନି, ପି-ଶୁକମୁନି ଜାନି, ଜା-କନ୍ଧ, ବା-ନିଜଗାଁ | |
| ୧୨. | ୬ | ରୟତି | ୨୬୩ | ପଦର | ୦.୦୯୯୦ | ୦.୦୩୦୦ | ଗୁରେଖ ଦେହୁରି, ପି-ଆଗସ୍ତି ଦେହୁରି, ଜା-କନ୍ଧ, ବା-ନିଜଗାଁ | |
| ୧୩. | ୭ | ରୟତି | ୨୩୧ | ଘରବାରି | ୦.୦୭୪୦ | ୦.୦୭୪୦ | ଅଲେଖ ଦେହୁରି, ଗୁରେଖ ଦେହୁରି, ପି-ଆଗସ୍ତି ଦେହୁରି, ଜା-କନ୍ଧ, ବା-ନିଜଗାଁ | |
| | | | ୨୩୨ | ଘରବାରି | ୦.୦୩୫୦ | ୦.୦୧୭୫ | | |
| ମୋଟ | | | | | ୨.୭୨୫୦ | ୧.୩୮୧୦ | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ବେଦଭୂଷଣ
ଜିଲ୍ଲାପାଳ, କନ୍ଧମାଳ

Printed and Published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 6522—173+9